## ମାକିଡ଼ିଆ ଲୋକମହୋତ୍ସବ ଉଦ୍‌ଯାପିତ

ଜଳେଶ୍ୱର,୧।୨(ନବୀନ ସାହୁ): ବାଲେଶ୍ୱର ଜିଲା ମାକିଡ଼ିଆ ପଞ୍ଚାୟତର ହାଟ ପଡ଼ିଆରେ ରବିବାର ସନ୍ଧ୍ୟାରେ ୫୦ତମ ମାଘ ପୂର୍ଣ୍ଣିମା ଉପଲକ୍ଷେ ଅନୁଷ୍ଠିତ ମାକିଡ଼ିଆ ଲୋକମହୋତ୍ସବ ଉଦ୍‌ଯାପିତ ହେଇଯାଇଛି। ମୁଖ୍ୟ ଅତିଥିଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ଓ ଏସ୍‌ଡିପିଓ ସୁବ୍ରତ ବେହେରା, ମୁଖ୍ୟବକ୍ତା ଭାବେ ପୁରୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ରାଧା ଗୋବିନ୍ଦ କୁଇଲା, ପ୍ରାକ୍ତନ ଏବିଓ ଗୋପାଳ ଚନ୍ଦ୍ର ସେନାପତି ଯୋଗଦେଇଥିଲେ। ଗୋବିନ୍ଦ ଭଗବାନ ସଭାପତିତ୍ୱ କରିଥିବାବେଳେ ବିଶେଶ୍ୱର ଘଡ଼େଇ ମଞ୍ଚ ଆହ୍ୱାନ କରିଥିଲେ। ପୂର୍ବତନ ସରପଞ୍ଚ ଚନ୍ଦନ ସାହୁ ମଞ୍ଚ ପରିଚାଳନା କରିଥିଲେ। ବାଲୁକା ଶିଳ୍ପୀ ଅଜୟ ଘୋଷଙ୍କ ଦ୍ୱାରା ବାଲିରେ କ୍ଷେତ୍ର ମୋହନ ରଣାଙ୍କ ଚିତ୍ର, ଟସରର କାରୁକାର୍ଯ୍ୟ ଏବଂ ଚାଷ ଉପରେ ବାଲୁକା କଳା ପ୍ରଦର୍ଶନ ହୋଇଥିଲା।

# ‘ଭାରତୀୟ ଡାକ ଲୋକକୈନ୍ଦ୍ରିକ ହୋଇପାରିଛି’

### ବାଲେଶ୍ୱର ଡାକ ମଣ୍ଡଳର ପ୍ରତିଷ୍ଠା ଦିବସ

ବାଲେଶ୍ୱର, ୧।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ରବିବାର ଡାକ ମଣ୍ଡଳର ୭୪ତମ ପ୍ରତିଷ୍ଠା ଦିବସ ଓ ୧୪୩ତମ ଡାକ ଜୀବନ ବୀମା ଦିବସ ପାଳିତ ହୋଇଯାଇଛି। ଡାକ ଅଧୀକ୍ଷକ ତାପସ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଡାକ ପରିମଣ୍ଡଳ ଡିଡିଏମ୍ ସତ୍ୟବାଦୀ ବିଶ୍ୱାଳ, ମୁଖ୍ୟବକ୍ତା ସମ୍ବଲପୁର ଡାକମଣ୍ଡଳ ଅଧୀକ୍ଷକ ବସନ୍ତ କୁମାର ସିଂହ, ସମ୍ମାନନୀୟ ଅତିଥି ଭାବେ



ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି।

ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ, ଆସାମ ଡାକ ପରିମଣ୍ଡଳ ବନମାଳୀ ପାତ୍ର ଓ ବରିଷ୍ଠ ବ୍ରାଞ୍ଚ ମ୍ୟାନେଜର ବିରଞ୍ଚି ନାରାୟଣ ସାମଲ ଯୋଗ ଦେଇଥିଲେ। ଭାରତୀୟ ଡାକ ବିଭାଗ ଆଧୁନିକ ପ୍ରଯୁକ୍ତିକୁ ଆପଣେଇ ଏକ ଲୋକକୈନ୍ଦ୍ରିକ, ସେବାମୂଳକ ସଂସ୍ଥାରେ ପରିଣତ ହୋଇଛି ବୋଲି ଅତିଥିମାନେ କହିଥିଲେ। ବାଲେଶ୍ୱର ଡାକ ମଣ୍ଡଳର ୭୪ବର୍ଷର ଦୀର୍ଘ ସମର୍ପିତ ସେବା ସହ ଡାକ ଜୀବନ ବୀମାର ଗୁରୁତ୍ୱକୁ ଉଲ୍ଲେଖ କରାଯାଇଥିଲା। ଡାକ ଜୀବନ ବୀମା ଓ ଗ୍ରାମୀଣ ଡାକ ଜୀବନ ବୀମା ଯୋଜନା ମାଧ୍ୟମରେ ସହର, ଗ୍ରାମାଞ୍ଚଳର ଲୋକଙ୍କୁ ବୀମା ସୁରକ୍ଷା ଯୋଗାଇବାରେ ଡାକ ବିଭାଗର ଭୂମିକା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏଥିସହ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ, ସିଧାସଳଖ ଲାଭ ହସ୍ତାନ୍ତର, ସ୍ପିଡ୍‌ପୋଷ୍ଟ, ପାର୍ସଲ ସେବା, ଆଧାର ସେବା ଏବଂ ଇ-କମର୍ସ ସମର୍ଥନ ସେବା ସମ୍ପର୍କରେ କୁହାଯାଇଥିଲା। ଶେଷରେ ବିଭିନ୍ନ ଜିଲାର ଡାକ ଅଧୀକ୍ଷକ, ଅବସରପ୍ରାପ୍ତ ଡାକ ଅଧୀକ୍ଷକ ଓ ଡାକ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି। ରବୀନ୍ଦ୍ର କୁମାର ପାତ୍ର ଏବଂ ନମିସା ବାରିକ ମଞ୍ଚ ପରିଚାଳନା କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ


ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ଭୋଗରାଇ,୧।୨(ପ୍ରଦୀପ ଦାସ)

ଭୋଗରାଇ ବ୍ଲକ ଶ୍ରୀବସ୍ତପୁର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିସରରେ ଶନିବାର ସନ୍ଧ୍ୟାରେ ଗୋଷ୍ଠୀ ଶିକ୍ଷାଧିକାରୀ ନିହାର ରଞ୍ଜନ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସିଆରସିସି ଅଶୋକ କୁମାର ସାହୁ ମଞ୍ଚ ଆହ୍ୱାନ କରିଥିବାବେଳେ ରମେଶ ଚନ୍ଦ୍ର ସୁର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡାଙ୍କ ପୌରୋହିତ୍ୟରେ ପରିଚାଳିତ ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଅରୁଣ କୁମାର ପ୍ରଧାନ, ପୂର୍ବତନ ସିଆରସିସି ବେନୁ ଚରଣ ଜେନା, ଗୌତମ କୁମାର ଦତ୍ତ, ସିଆରସିସି ସ୍ୱାଗତ କୁମାର ସୁର, ସୁଦର୍ଶନ ଦାସ, ସୁଧାଂଶୁ ପାତ୍ର, କାର୍ତ୍ତିକ ଚନ୍ଦ୍ର ପାଳ, ଜଗବନ୍ଧୁ ଖଟୁଆ, ଜାକିର ହୁସେନ, ମୁଖ୍ୟ କିରାଣୀ ଇନ୍ଦୁଭୂଷଣ ଦାସ, ଅଣଶିକ୍ଷା କର୍ମଚାରୀ ରାଜୀବ ଲୋଚନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅପର ପକ୍ଷରେ ଓଷ୍ଟା ପକ୍ଷରୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଉକ୍ତ ସଂଗଠନର ସଭାପତି ମହେଶ୍ୱର ଗିରିଙ୍କ ପୌରହିତ୍ୟରେ ସମ୍ପାଦକ ଶାଶ୍ୱତ କୁମାର ଜେନା, ପୂର୍ବତନ ସଭାପତି ଶ୍ରୀନିବାସ ପ୍ରଧାନ, ମହାସଚିବ ନଟରଞ୍ଜନ ଘରାଇ, ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦତ୍ତ, ସୁବାସ ଦତ୍ତ, ଗୌରହରି ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ ଓ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଭାବ ଗମ୍ଭୀର୍ଯ୍ୟ ପରିବେଶରେ ଅବସର ନେଇଥିବା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ କାର୍ଯ୍ୟାଳୟରୁ ୨୫ ଜଣ ସିଆରସିସି ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷାକର୍ମୀମାନେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇ ବାସଭବନକୁ ନେଇଥିଲେ।

## ବଜେଟ-୨୦୨୬ ନୂଆ ଭାରତ ସମୃଦ୍ଧିର ସଂକଳ୍ପ: ବିଧାୟକ



ବାଲେଶ୍ୱର,୧।୨( ବାଞ୍ଛାନିଧି ଦେ)

ଗରିବ, ମହିଳା, ଯୁବ, ଅନ୍ନଦାତା ଏବଂ ମଧ୍ୟବିତ୍ତ ବର୍ଗଙ୍କ ପ୍ରାଥମିକତା ଭିତ୍ତିରେ ପ୍ରସ୍ତୁତ ବଜେଟ-୨୦୨୬ ନୂଆ ଭାରତର ସମୃଦ୍ଧିର ସଂକଳ୍ପ। ଏହି ସର୍ବସ୍ପର୍ଶୀ ଓ ସର୍ବସମାବେଶୀ ବଜେଟ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟକୁ ପୂରଣ କରିବ ବୋଲି ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ କହିଛନ୍ତି। ଚଳିତ ବଜେଟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ନିଯୁକ୍ତି ଭଳି କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଦେଶର ମଧ୍ୟବିତ୍ତ ଏବଂ ନିମ୍ନ ଆୟ ବର୍ଗଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ସେମାନଙ୍କ ଆର୍ଥିକ ସ୍ଥିତିକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ବଜେଟରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ବୋଲି ରବିବାର ଏକ ପ୍ରେସ୍ ବିବୃତିରେ ସେ କହିଛନ୍ତି। ଏଥର ବଜେଟରେ ଓଡ଼ିଶାକୁ ବିଶେଷକରି ଖଣିଜ କରିଡର, ଜାତୀୟ ଜଳମାର୍ଗ ୫ରେ ଅନେକ ପ୍ରାନ୍ତକୁ ଅନ୍ତର୍ଭୁକ୍ତ କରି ବ୍ୟବସାୟକୁ ସହଜ କରିବା, ଫାର୍ମା ଓ ସେମି କଣ୍ଡକ୍ଟର ହବ୍‌ରେ ଓଡ଼ିଶାକୁ ସ୍ଥାନ, ଓଡ଼ିଶାର ତଟୀୟ କ୍ଷେତ୍ରକୁ ପ୍ରାଧାନ୍ୟ, ପର୍ଯ୍ୟଟନ ସମେତ ବିଭିନ୍ନ ଦିଗରେ ଓଡ଼ିଶାକୁ ବିଶେଷ ଦୃଷ୍ଟି ଦିଆଯାଇଛି। ସାମ୍ପ୍ରତିକ ପରିସ୍ଥିତିରେ ଏହି ବଜେଟ ସବୁ ବର୍ଗର ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବ। ସର୍ବସମାବେଶୀ, ଦୂରଦୃଷ୍ଟି ଓ ଲୋକ କଲ୍ୟାଣକାରୀ ବଜେଟ ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଗୋପାଳପୁର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ


ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ବାହାନଗା,୧।୨ (ଅରୂପ କୁମାର ଦାସ)

ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ଗୋପାଳପୁର ମହାବିଦ୍ୟାଳୟର ୪୮ ତମ ବାର୍ଷିକ ଉଦ୍‌ଯାପିତ ହୋଇଛି। ପ୍ରଥମ ଦିନ ୪୮ ତମ ସାମ୍ବତ୍ସରିକ ଉତ୍ସବ ଉପଲକ୍ଷେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ଅଧକ୍ଷ ଡ଼. ନିହାର ରଞ୍ଜନ କର। ଅତିଥି ପରିଚୟ ପ୍ରଦାନ କରିଥିଲେ ସୌମ୍ୟ ସୁଚରିତା ମଲ୍ଲିକ ଓ କଲ୍ୟାଣୀ ଦାସ। ମୁଖ୍ୟଅତିଥି ଭାବେ ଡ.ସୁଧିର ଚନ୍ଦ୍ର ଜେନା ଓ ମୁଖ୍ୟବକ୍ତା ଭାବେ ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ପ୍ରାଧ୍ୟାପକ ଡ. ଅଭୟ କୁମାର ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ର ମାନଙ୍କ ଉଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ମୁଖ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେହିପରି ଚଳିତ ବର୍ଷ ଯୁକ୍ତ ୨ ଓ ଯୁକ୍ତ ୩ରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଦିନରେ ମହାବିଦ୍ୟାଳୟର ବାର୍ଷିକ ନାଟ୍ୟୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧକ୍ଷ ନରେଶ କୁମାର ପାଢ଼ୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ନଗେନ୍ଦ୍ର କୁମାର ପାଢ଼ୀ, ସମ୍ମାନିତ ଅତିଥି ଭାବେ ସଂଗୀତ ନିର୍ଦ୍ଦେଶକ ଅମୃତାଂଶୁ ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ଶୈଳବାଳା ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପରେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ଦୁଃଖ ସରିବନି ଜୀବନ ସାରା ମଞ୍ଚସ୍ଥ ହୋଇଥିଲା।

## ବିଜେଡିରେ ମିଶିଲେ କଂଗ୍ରେସ, ଭାଜପା କର୍ମୀ

କାଳିପଦା,୧।୨(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଜାମକୁଣ୍ଡା ପଞ୍ଚାୟତ କେନ୍ଦୁବାଡିଆ ଗ୍ରାମର ୧୮ ନଂ. ୱାର୍ଡରେ ମନ୍ମଥ ସେଠୀଙ୍କ ବାସଭବନରେ ଶୁକ୍ରବାର ରାତିରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ବସନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ୧୦ରୁ ଊର୍ଦ୍ଧ୍ୱ ପରିବାରରୁ ୧୦୦ ଭୋଟର କଂଗ୍ରେସ ଓ ଭାଜପା ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଦଳ ବଳ ନିର୍ବିଶେଷରେ ବାଲିଆପାଳ ମାଟିର ଝିଅ ଏବଂ ବସ୍ତା ମାଟିର ବୋହୂ ହିସାବରେ ଲୋକଙ୍କ ସେବା କରିବେ ବୋଲି କହିବା ସହ ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ନିଶାକର ସେଠୀ ଓ ବେଣୁଧର ଜେନା ଯୋଗଦେଇ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି କହି ସମାଲୋଚନା କରିଥିଲେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଏବଂ ବସ୍ତା ବିଧାୟିକାଙ୍କ ଲୋକାଭିମୁଖୀ କାର୍ଯ୍ୟରେ ପ୍ରଭାବିତ ହୋଇ ବିଜେଡିରେ ସାମିଲ ହୋଇଥିବା ନୂତନ କର୍ମୀ ଚତୁର୍ଭୁଜ ମହାନ୍ତି, ସନ୍ତୋଷ ପରିଡ଼ା, ଅଶୋକ ସେଠୀ, କୌଶଲ୍ୟା ସେଠୀ, ଅଶୋକ ଧଳ, ହରେକୃଷ୍ଣ ରଙ୍ଗ, ବାସନ୍ତୀ ଧଳ, ରାମଚନ୍ଦ୍ର ମହାନ୍ତି ପ୍ରମୁଖ କହିଥିଲେ। ସୁଧାଂଶୁ ବାରିକ, ବ୍ରଜକିଶୋର ବିଶ୍ୱାଳ, ପଞ୍ଚାନନ ଦାସ, ଲିପ୍ସେନ୍ଦୁ ମହାନ୍ତି ପ୍ରମୁଖ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଉଛି।

ଖଇରା,୧।୨(ଉତ୍କଳବନ୍ଧୁ ପଣ୍ଡା)

### ଭୀମନାଥପୁର ପ୍ରାଥମିକ ବିଦ୍ୟାଳୟ

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଭୀମନାଥପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ଜେନାଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଡୁଙ୍ଗୁରା କ୍ଲଷ୍ଟରର ସିଆରସିସି ନେତ୍ରାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଡୁଙ୍ଗୁରା ହାଇସ୍କୁଲର ପ୍ରଧାନ ଶିକ୍ଷକ ମାୟାଧର ସାହୁ ମୁଖ୍ୟ ଅତିଥି, ସମିତିସଭ୍ୟାଙ୍କ ପ୍ରତିନିଧି ଶିଶିର ସାମଲ ମୁଖ୍ୟବକ୍ତା, ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା ନାରାୟଣ ଚନ୍ଦ୍ର ମହାପାତ୍ର, ଲମ୍ବୋଦର ଦାସ ଓ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ପୂର୍ବତନ ସିଆରସିସି ଅପର୍ଣ୍ଣା ମଞ୍ଜରୀ ବେହେରା ଓ ଶ୍ରୀଧର ପରିଡା, ପ୍ରାକ୍ତନ ଶିକ୍ଷକ କମଳାକାନ୍ତ ନାୟକ, କ୍ଷୀରୋଦ କୁମାର ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ମମିତାରାଣୀ ରାଉତ ବିବରଣୀ ପାଠ, ସିଆରସିସି ଦୁର୍ଗାମାଧବ ଜେନା ମଞ୍ଚ ପରିଚାଳନା, ଶିକ୍ଷୟିତ୍ରୀ ନିବେଦିତା ସୂତାର ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟି ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭଗିଆଶୁଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ସିମୁଳିଆ,୧।୨(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା’ ଭଗିଆଶୁଣୀଙ୍କ ପୀଠରେ ସାର୍ବଜନୀନ ବାର୍ଷିକ ବିଶ୍ୱଶାନ୍ତି ଚଣ୍ଡିପାଠ ଓ ମହାଯଜ୍ଞ ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶନିବାର ଯଜ୍ଞକୁଣ୍ଡ, ମଣ୍ଡପ, ତୋରଣ ସଜ୍ଜିକରଣ, ଅଧିବାସ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ରବିବାର ଭୋର ୫ଟା୨୦ରେ ମଙ୍ଗଳାର୍ପଣ ଆରତୀ, ବଡ଼ସିଂହାର ବେଶ, ବାଳଧୂପ, ବାଲ୍ୟ ଭୋଗ ଇତ୍ୟାଦି ବିଧି ଉପଚାର ପୂଜା ମା’ ଭଗିଆଶୁଣୀ ଓ ବାବା ଭୋଗେଶ୍ୱରଙ୍କ ପୀଠରେ ଅନୁଷ୍ଠିତ ହୋଇଥିଲା ।

ସକାଳ ୭ଟାରେ ସ୍ଥାନୀୟ ସିମୁଳିଆ କଲେଜ ପୋଖରୀରୁ ୧୧ଟି ଘଟୋତ୍ତଳନ କରାଯାଇ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପ ନିକଟକୁ ଅଣାଯାଇଥିଲା। ପରେ ସଙ୍କଳ୍ପ,


ମା’ଭଗିଆଶୁଣୀଙ୍କ ପୀଠରେ ଅନୁଷ୍ଠିତ ବାର୍ଷିକ ଯଜ୍ଞ।

୧୦ଟାରେ ହୋମ, ଯଜ୍ଞ, ଚଣ୍ଡିପାଠ ନାରାୟଣ ସେବା ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଧୂପ, ପହଡ ଷୋଡ଼ଷ ଉପଚାର ପୂଜା, ପୂର୍ଣ୍ଣାହୁତି ଓ ଅଗ୍ନିଉତ୍ସବ ଅନୁଷ୍ଠିତ ହୋଇଥିଲା।ମୁଖ୍ୟ ବ୍ରତୀ ରୂପେ କହ୍ନେଇ ଚରଣ ନାୟକ ଓ ପ୍ରଦୀପ କୁମାର ଦାସ ଦାୟିତ୍ୱ ତୁଲାଇ ଥିଲେ। ସେହିପରି ମନ୍ଦିର ପୂଜକ ରୂପେ ସୂର୍ଯ୍ୟମଣୀ ପତ୍ରୀ, ଦାଶରଥି ଦିକ୍ଷିତ, ବିର୍ଯ୍ୟେଶ କୁମାର ପତ୍ରୀଙ୍କ ସମେତ ୮ଜଣ ଓ ଯଜ୍ଞ କର୍ମକାଣ୍ଡ ପଣ୍ଡିତ ରୂପେ ଦୟାନିଧି ପତ୍ରୀ, ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ୧୧ଜଣ ପଣ୍ଡିତ ଥିଲେ । ସ୍ଥାନୀୟ ଗ୍ରାମବାସୀ ଯଜ୍ଞ କମିଟି ଓ ପୋଡୋଶୀ ଭକ୍ତମାନେ ସହଯୋଗ କରିଥିଲେ । ଏହି ଉତ୍ସବରେ ପ୍ରାୟ ୧୦ହଜାର ଭକ୍ତଙ୍କ ସମାଗମ ହୋଇଥିଲା।

## ନୀଳଗିରି ମହାବିଦ୍ୟାଳୟରେ ଆଲୋଚନାଚକ୍ର

ନୀଳଗିରି,୧।୨ (ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଭାରତରେ ବୈଦେଶିକ ନୀତି ଓ ବିକଶିତ ଭାରତଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ସଂଗ୍ରାମ ରାଉତଙ୍କ ସଭାପତିତ୍ୱରେ ଶିବିରରେ ମୁଖ୍ୟ ଅତିଥିଭାବେ କଲେଜ ଅଧକ୍ଷ ଅନ୍ତର୍ଯ୍ୟାମୀ ରାଉଳ, ମୁଖ୍ୟ ବକ୍ତାଭାବେ ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ଡ. ଉମାକାନ୍ତ ଦାସ, ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ.ଶଙ୍କର୍ଷଣ ନାୟକ, ବାସନ୍ତୀ ଦାସ ପ୍ରମୁଖ ଯୋଗଦେଇ ଶୀର୍ଷକ ବାବଦରେ ଆଲୋଚନା କରିଥିଲେ। ବିଭାଗର ଛାତ୍ରୀଛାତ୍ର ନିଜନିଜର ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ସୀମାରାଣୀ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ମଞ୍ଚରେ ଉପସ୍ଥିତ ଅତିଥିମାନେ।

## ଭୁବନେଶ୍ୱର ଟାଉନ କ୍ଲବ ଚାମ୍ପିୟନ

### ଚିରନ୍ତନ ଚନ୍ଦ୍ରଶେଖର ସ୍ମାରକୀ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ



ଅତିଥିଙ୍କ ଗହଣରେ ସିଲ୍ଡ ସହ ଚାମ୍ପିୟନ ଭୁବନେଶ୍ୱର ଟାଉନ କ୍ଲବ।

ଖଇରା,୧।୨(ଉତ୍କଳ ବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପତିରାଜପୁର ମିନିଷ୍ଟାଡିୟମରେ ଚାଲିଥିବା ଚିରନ୍ତନ ଚନ୍ଦ୍ରଶେଖର ସ୍ମାରକୀ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଭୁବନେଶ୍ୱରର ଟାଉନ କ୍ଲବ ଯାଜପୁରର ମା’ ଜାଗୁଲାଇ ଇଲେଭେନକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଭୁବେନେଶ୍ୱର ୨୦ ଓଭରରେ ୬ ଉଇକେଟ ବିନିମୟରେ ୨୮୨ ରନ କରିଥିଲା। ଜବାବରେ ଯାଜପୁର ମାତ୍ର ୧୬ ଓଭର ପର୍ଯ୍ୟନ୍ତ ତିଷ୍ଠି ରହିବାକୁ ସମର୍ଥ ହୋଇଥିଲା । ପ୍ରଭାତ ସାହୁ, ଈଶ୍ୱର ମାଝୀ ଓ ପ୍ରଦୀପ ଘଡେଇ ମ୍ୟାଚ ପରିଚାଳନା କରିଥିଲେ। ସମ୍ପଦ ଘଡେଇଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଆକାଂକ୍ଷା ପାୱାରର ପରିଚାଳନା ନିର୍ଦ୍ଦେଶକ ବିପିନ ଦାସ ମହାପାତ୍ର ମୁଖ୍ୟଅତିଥି, ସରପଞ୍ଚ ପୁଷ୍ପଲତା ଘଡେଇ, ପୂର୍ବତନ ସମିତି ସଭ୍ୟ କୈଳାସ ମାଝି, ସମବାୟ ସମିତି ସମ୍ପାଦକ ବିକାଶ କୁମାର ନାୟକ, ଖବରଦାତା କୈଳାସ ବେହେରା, ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ସେଣ୍ଠ ଓ ରମାକାନ୍ତ ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଭୁବନେଶ୍ୱର ଟିମକୁ ସିଲ୍ଡ ସହ ୫୦ ହଜାର ଓ ରନରଅପ ଟିମକୁ କପ ସହ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କ୍ଷେତ୍ର ମୋହନ ସାହୁ, ତନ୍ମୟ ନାୟକ, ଦୀପ୍ତିମୟ ଜେନା ସ୍କୋର ଦାୟିତ୍ୱରେ ଏବଂ କୈଳାସ ମାଝି ଓ ଶିବଶଙ୍କର ମହାନ୍ତି ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଚଣ୍ଡିମାତା ୟୁଥ କ୍ଲବର ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ‘ଗଣମାଧ୍ୟମ ପ୍ରତିନିଧି ସୁସ୍ଥ, ନୀରୋଗ ରହିବା ଜରୁରୀ’

### ସ୍ୱାସ୍ଥ୍ୟ ଶିବିର, ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୧।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରସ୍ଥିତ ଆତିଥ୍ୟ ଭବନ ସମ୍ମିଳନୀ କକ୍ଷରେ ଶନିବାର ସ୍ୱାସ୍ଥ୍ୟ ଶିବିର ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ମଣିପାଲ ହସ୍ପିଟାଲ ଓ ବାଲେଶ୍ୱର ଗଣମାଧ୍ୟମ ପ୍ରତିନିଧିଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ଏଡିଏମ୍‌ଓ ଡା. ଅମୂଲ୍ୟ ଦାସ ଓ ସମ୍ମାନିତ ଅତିଥି ପୌରାଧ୍ୟକ୍ଷା ସବିତା ସାହୁ ଉଦ୍‌ଘାଟନ କରିଥିଲେ। ଗଣମାଧ୍ୟମ ପ୍ରତିନିଧି ସୁସ୍ଥ ଓ ନୀରୋଗ ରହିବା ଜରୁରୀ ବୋଲି ଅତିଥିମାନେ କହିଥିଲେ। ଶତାଧିକ ଗଣମାଧ୍ୟମ ପ୍ରତିନିଧି ନିଜର ସ୍ୱାସ୍ଥ୍ୟ



ମିଡିଆ ପ୍ରିଭିଲେଜ କାର୍ଡ ପ୍ରଦାନ କରାଯାଉଛି।

ପରୀକ୍ଷା ସହ ଚିକିତ୍ସିତ ହୋଇଥିଲେ। ଏହି ଅବସରରେ ମଣିପାଲ ହସ୍ପିଟାଲ ପକ୍ଷରୁ ସମସ୍ତ ଅଂଶଗ୍ରହଣକାରୀଙ୍କ ପାଇଁ ‘ମିଡିଆ ପ୍ରିଭିଲେଜ କାର୍ଡ’ ଲୋକାର୍ପଣ କରାଯାଇଥିଲା। ଏହା ମାଧ୍ୟମରେ ସେମାନେ ଭୁବନେଶ୍ୱରସ୍ଥିତ ଉକ୍ତ ହସ୍ପିଟାଲରେ ବିଶେଷ ସ୍ୱାସ୍ଥ୍ୟସେବା ସୁବିଧା ପାଇପାରିବେ। ସ୍ୱାସ୍ଥ୍ୟ ସଚେତନତା ଆଲୋଚନାଚକ୍ରରେ ହସ୍ପିଟାଲର ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. କିଶୋର କୁମାର ପଣ୍ଡା ଆଣ୍ଠୁଗଣ୍ଠି ଯନ୍ତ୍ରଣା, ରୋବୋଟିକ ନି ସର୍ଜରୀ, ହିପ୍ ସର୍ଜରୀ ଏବଂ ହିପ୍ ପ୍ରିଜର୍ଭେସନ ବିଷୟରେ କହିଥିଲେ। ବରିଷ୍ଠ ମେଡିକାଲ ଅଙ୍କୋଲୋଜିଷ୍ଟ ସଚିନ ଶେଖର ବିଶ୍ୱାଳ କହିଥିଲେ, ଅତ୍ୟଧିକ ଗୁଟ୍‌ଖା କିମ୍ବା ନିଶାଦ୍ରବ୍ୟ ସେବନ କଲେ କର୍କଟ ରୋଗ ହେବାର ସମ୍ଭାବନା ଥାଏ। ସାଧାରଣ ଜୀବନଶୈଳୀରେ ପରିବର୍ତ୍ତନ ଆଣିଲେ କର୍କଟ ଭଳି ଗୁରୁତର ରୋଗକୁ ମଧ୍ୟ ଜିତିବା ସମ୍ଭବ। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଦ୍ୱାରା ବିଭିନ୍ନ ରୋଗରୁ ମୁକ୍ତି ସମ୍ଭବ ବୋଲି ସେ କହିଥିଲେ। ସ୍ନାୟୁରୋଗ ବିଶେଷଜ୍ଞ ଡା. ଅମ୍ଲାନ ତପନ ମହାପାତ୍ର ବ୍ରେନ୍ ଷ୍ଟ୍ରୋକ୍ ବିଷୟରେ ତଥ୍ୟ ଦେଇ ଶୀଘ୍ର ଚିକିତ୍ସା ଆରମ୍ଭ କଲେ ଜୀବନ ଓ ସ୍ନାୟୁ କ୍ଷତି ବଞ୍ଚାଇ ପାରିବାରେ ‘ଗୋଲ୍ଡେନ ଆୱାର୍’ କେତେ ଗୁରୁତ୍ୱପୂର୍ଣ୍ଣ ସେ ଦିଗରେ ସଚେତନ କରାଇଥିଲେ। ବରିଷ୍ଠ ମେଡିକାଲ ଅଫିସର ଡା. ସଦାଶିବ ମିଶ୍ର ସମସ୍ତଙ୍କ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ।

# ‘ପୁସ୍ତକ ପ୍ରତି ପାଠକଙ୍କ ଆଗ୍ରହ ରହିବା ଉଚିତ’

## ମୟୂରଭଞ୍ଜ ପୁସ୍ତକମେଳା ଉଦ୍‌ଯାପିତ

ବାରିପଦା,୧ ।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି ।

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ପ୍ରଶାସନ ଆନୁକୁଲ୍ୟରେ ଆୟୋଜିତ ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳା ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମେଳାର ସଭାପତି ପଦ୍ମନାଭ ସାହୁ ପୌରୋହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡ଼ା , ମାସିକ ଓଡିଆ ସାହିତ୍ୟ ପତ୍ରିକା ଯୁଗଶ୍ରୀ ଯୁଗନାରୀ ସମ୍ପାଦିକା ମମତା ମହାପାତ୍ର ମୁଖ୍ୟବକ୍ତା ଏବଂ ମୟୂରଭଞ୍ଜ ମାଟିର ସୁକନ୍ୟା ପୂର୍ବତନ ରାଜ୍ୟ ସୂଚନା କମିଶନର ଶଶିପ୍ରଭା ବିନ୍ଧାଣୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମାଜରେ ପୁସ୍ତକ ପ୍ରତି ଜନସାଧାରଣଙ୍କ ଆଗ୍ରହ ଓ ଅନୁରକ୍ତି ବୃଦ୍ଧି ନିମନ୍ତେ ଏବଂ ଆଗାମୀ ପୀଢ଼ି ଭିତରେ ପାଠକୀୟତା ଉଜାଗର ପାଇଁ ମୟୂରଭଞ୍ଜ ପୁସ୍ତକ ମେଳାର ଦୀର୍ଘବର୍ଷ ହେଲା ଉଦ୍ୟମ ଜାରି ରଖିବା ନିଶ୍ଚିତ ପ୍ରଶଂସନୀୟ । ଏଭଳି ବୌଦ୍ଧିକ ଉଦ୍ୟମ ଆଗକୁ ମଧ୍ୟ ଜାରି ରହିବା ଏକାନ୍ତ ପ୍ରୟୋଜନ ବୋଲି ବକ୍ତବ୍ୟ ମାଧ୍ୟମରେ ପରାମର୍ଶ ଦେଇଥିଲେ । ସମ୍ପ୍ରତି ଯୁବସମାଜ ତଥା ଛାତ୍ରୀଛାତ୍ରଙ୍କୁ ପଠନପ୍ରିୟ ଓ ପୁସ୍ତକ ଅନୁରାଗୀ ବନ୍ଧୁଭାବେ ଗଢି ତୋଳିବା ଲକ୍ଷ୍ୟ ନେଇ ପ୍ରବୀଣ ଶିକ୍ଷାଗୁରୁ ଡ. ସୁଶାନ୍ତ କୁମାର ବଶା, ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ପଣ୍ଡା, ପୂର୍ଣ୍ଣଚନ୍ଦ୍ର ହାୟର୍ ସେକେଣ୍ଡାରୀ ସ୍କୁଲର ଅଧ୍ୟାପନା ପ୍ରମୁଖ ଅଧ୍ୟାପକ ଡ. ଆଦର୍ଶ ଶତପଥୀ, ପୂର୍ବତନ ଶିକ୍ଷକ ନରସିଂହ ବାରିକ ଯୋଗଦାନ କରି ଉତ୍ସାହିତ କରିଥିଲେ । ସମ୍ପାଦକ ଇଂ. ମନୋଜ କୁମାର ଦଳବେହେରା ମହୋତ୍ସବ ଆୟୋଜନ ଓ ପରିଚାଳନାରେ ଜିଲା ପ୍ରଶାସନଙ୍କ ସକାରାତ୍ମକ ମନୋଭାବ ସମ୍ବନ୍ଧରେ ନିଜ ସଂକ୍ଷିପ୍ତ ବକ୍ତବ୍ୟରେ ପ୍ରକାଶ କରି ରାଜ୍ୟ ତଥା ଜିଲା ପ୍ରଶାସନଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ କୃତୀ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଅଧ୍ୟାପକ ସମରେନ୍ଦ୍ର ବଶା, ସନ୍ଦୀପ କୁମାର ଚାନ୍ଦ, ଡ.ଶଶିଧର ବିଶ୍ୱାଳ, ଶିଉଲାଲ ମହାନ୍ତ, କାବେରୀ ମିଶ୍ର, ଜ୍ୟୋର୍ତିମୟୀ କବାଟ, ବାସନ୍ତୀ ଲତା ମହାପାତ୍ର, ସ୍ନେହଲତା ନାୟକ, ସ୍ୱପ୍ନା ଦଣ୍ଡପାଟ, ପ୍ରଦୀପ କୁମାର ଭୂୟାଁ, ଜଗନ୍ନାଥ ସାହୁ, ଅଜିତ କୁମାର ପାଣିଗ୍ରାହୀ, ବରିଷ୍ଠ ସହ୍ମଯା ଶ୍ରୀମତୀ ବିରଜା ଦେବୀ, ଅଚ୍ୟୁତ ମହାପାତ୍ର, ଦୀପକ କୁମାର ଦଣ୍ଡପାଟ, ଡ.ସଞ୍ଜୀବ କୁମାର ପାଣିଗ୍ରାହୀ, ବନମାଳୀ ପାତ୍ର, ଅଜିତ କୁମାର କବାଟ ଓ କୈବଲ୍ୟ ପ୍ରସାଦ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସରିଲା ୟୁଫୋରିଆ-୨୦୨୬

ବାରିପଦା,୧।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ):




ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ ।

ଯୁବ ପ୍ରତିଭାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ କଳାକୁ ଲୋକଲୋଚନକୁ ଆଣିବାରେ ୨୭ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଚାଲୁଥିବା ଦି’ ୟୁଫୋରିଆ-୨୦୨୬ ଉଦ୍‌ଯାପିତ ହୋଇଯାଇଛି । ବାରିପଦା ଶହୀଦ ସ୍ମୃତି ଭବନରେ ଚାଲିଥିବା ରାଜ୍ୟସ୍ତରୀୟ ଆନ୍ତଃମହାବିଦ୍ୟାଳୟ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । କମିଟିର ସଭାପତି ତାପସ ପାଢ଼ୀ ଓ ଉପସଭାପତି ପୁରୁଷୋତ୍ତମ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ୧୭ଟି ଏକକ ଓ ୭ଟି ଦଳଗତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବାରିପଦା, ଝାରପୋଖରିଆ, ଖୁଣ୍ଟା, କଟକ, ଭୁବନେଶ୍ୱର, ବ୍ରହ୍ମପୁର ସମେତ ଓଡ଼ିଶାର ଅନେକ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ । ଚଳିତ ବର୍ଷ ମିଷ୍ଟର ୟୁଫୋରିଆ ଭାବେ ସେଣ୍ଟ ମେରିସ ସିନିୟର ସେକେଣ୍ଡାରୀ କନଭେଣ୍ଟ ସ୍କୁଲର ଛାତ୍ର ଆର୍ଯ୍ୟନ ଦାସ, ପ୍ରଥମ ରନର୍ସ ଅପ୍ ମିଷ୍ଟର ୟୁଫୋରିଆ ଭାବେ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟର ଛାତ୍ର ଆଶିଷ କୁମାର ବେହେରା ଓ ୨ୟ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ଶାଶ୍ୱତ ବିବେଚିତ ହୋଇଛନ୍ତି ।

ସେହିପରି ମିସ୍ ୟୁଫୋରିଆ ଭାବେ ମହାରାଜା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ବନ୍ଦିତା ଜେନା, ପ୍ରଥମ ରନର ଅପ୍ ମିସ ୟୁଫୋରିଆ ଭାବେ ଏମ୍‌ପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ଅର୍ପିତା ରଶ୍ମିପ୍ରିୟା ଓ ୨ୟ ରନର୍ସ ଅପ ଭାବେ ସୀମାନ୍ତ ଇଞ୍ଜିନିୟରିଂ କଲେଜର ସୀଲବି ସୋଲଣି ବିବେଚିତ ହୋଇଛନ୍ତି । ଶୃଙ୍ଖଳିତ ଟିମ୍ ଭାବେ ପ୍ରିନ୍ସ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନକୁ ପୁରସ୍କାର ମିଳିଥିବା ବେଳେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଚାମ୍ପିୟନ ଟିମ୍ ଭାବେ ଘୋଷଣା କରାଯାଇଛି । ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ପାଇଁ ମୁଖ୍ୟ ଅତିଥି ଭାବେ ଭିଜିଲାନ୍ସ ମୁଖ୍ୟାଳୟ କଟକର ଡିଏସପି ଜୟନ୍ତୀ ଦଳେଇ, ଓଡ଼ିଆ ଫିଲ୍ମ ନିର୍ଦ୍ଦେଶକ ଶିବ ଦ୍ୱିବେଦୀ, ଓଡ଼ିଆ ଫିଲ୍ମ ପ୍ରଯୋଜକ ଶୁଭେନ୍ଦୁ ସାହୁ, ଉମେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପୁରସ୍କୃତ କରିଥିଲେ । ଗତ ବର୍ଷର ମିସ୍ ୟୁଫୋରିଆ ସୁଲଗ୍ନା ଦାସ କ୍ରାଉନିଂ କରିଥିଲେ । ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଆ ଚଳଚ୍ଚିତ୍ର ପ୍ରଚ୍ଛଦପଟ୍ଟ ଗାୟିକା ସୋହିନୀ ମିଶ୍ର, ଅଭିନେତା ସ୍ୱରାଜ ବାରିକ, ଇଣ୍ଟରନ୍ୟାସନାଲ ୟୁଟ୍ୟୁବର ଲବ ହାଁସଦା ଉପସ୍ଥିତ ରହି ଯୁବପୀଢିଙ୍କୁ ଉତ୍ସାହିତ କରିଥିଲେ । ବାରିପଦାର ଡ୍ରପ ଡ୍ୟାନ୍ସ ଗ୍ରୁପ, ଓନଲି ୱାନ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । କମିଟିର ଅଧ୍ୟକ୍ଷ ଅସିତ କୁମାର ଗିରି, ସାଧାରଣ ସମ୍ପାଦକ ସତ୍ୟସ୍ୱରୂପ ଦାସ, ସାଂସ୍କୃତିକ ସମ୍ପାଦକ ରାକେଶ ବେହେରା, ଶିବ ନାରାୟଣ ମିଶ୍ର, ଅଙ୍କୁର ଖୁରାନା, ସୁଶା’ ଆଚାର୍ଯ୍ୟ, ଆୟୁଷ ପ୍ରିୟଦର୍ଶୀ, ଲିଜାରାଣୀ ସାହୁ, ମହେଶ କୁମାର ସାହୁ, ଧନଞ୍ଜୟ ସାହୁ, ଦେବବ୍ରତ ଦେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଲକ୍ଷ୍ମୀକାନ୍ତ କଲେଜରେ ସମ୍ବର୍ଦ୍ଧନା ଉତ୍ସବ

ବାଙ୍ଗିରିପୋଷି,୧।୨(ସଞ୍ଜୟ କୁମାର ଅଗ୍ରୱାଲ):

ବାଙ୍ଗିରିପୋଷିସ୍ଥିତ ଲକ୍ଷ୍ମୀକାନ୍ତ କଲେଜ ସମ୍ମିଳନୀ କକ୍ଷରେ କର୍ମଚାରୀ ସଂସଦର ସମ୍ପାଦକ ପ୍ରାଧ୍ୟାପକ ଡ. ସତ୍ୟନାରାୟଣ ସାମଲଙ୍କ ସଭାପତିତ୍ୱରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ହରିହର ଶଙ୍ଖୁଆ ଏବଂ ମହାବିଦ୍ୟାଳୟ ପ୍ରତିଷ୍ଠାତା ଲକ୍ଷ୍ମୀକାନ୍ତ ଦାସ, ସହ ପ୍ରତିଷ୍ଠାତା ବିନୋଦିନୀ ଦାସଙ୍କ ଉପସ୍ଥିତିରେ ପ୍ରଥମେ କଲେଜର ଇଂରାଜୀ ବିଭାଗର ଅଧ୍ୟାପିକା ଚିନ୍ମି ଦାସଙ୍କୁ ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ପିଏଚ.ଡି. ଲାଭ କରିଥିବା ଯୋଗୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା । ଏଥିରେ ଅଧ୍ୟାପିକା ପାୟଲ ପ୍ରୀତିଲଗ୍ନା, କିରଣ ପାଠକ ଏବଂ ଅଧ୍ୟାପକ ଡ. ପ୍ରବୀର କୁମାର ରାଉତ ଯୋଗ ଦେଇଥିଲେ ।

ଦ୍ୱିତୀୟ ଅଧିବେଶନରେ ଅଧ୍ୟାପକ ସତ୍ୟବ୍ରତ ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।କର୍ମଚାରୀ ସଂସଦର ଉପଦେଷ୍ଟା ପ୍ରାଧ୍ୟାପକ ପବିତ୍ର ମୋହନ ଦାଶ, ଅଶୋକ କୁମାର ମହାପାତ୍ର, ରତିକାନ୍ତ ବେହେରା, ଡ. ପ୍ରବୀର କୁମାର ରାଉତ, ଡ. ବୀରେନ୍ଦ୍ରନାଥ ମହାନ୍ତି, ଅଧ୍ୟାପିକା ପାୟଲ ପ୍ରୀତିଲଗ୍ନା, ଡ. ଚିନ୍ମି ଦାସ, ଅଧ୍ୟାପକ ଦେବାଶିଷ ମହାପାତ୍ର, ଡେମୋନଷ୍ଟ୍ରେଟର୍ ଦେବାଶିଷ ବେହେରା ଓ କର୍ମଚାରୀ ସଂସଦର ସହ ସମ୍ପାଦକ କରୁଣାକର ବାରିକ ପ୍ରମୁଖ ଅଭିଭାଷଣ ରଖିଥିଲେ । ଅଧ୍ୟାପିକା ମୋନାଲିସା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । କର୍ମଚାରୀ ପରିଷଦ ତରଫରୁ ଅଧ୍ୟକ୍ଷ ହରିହର ଶଙ୍ଖୁଆ ସେବାନିବୃତ ଅଧ୍ୟାପକ ବେହେରାଙ୍କୁ ଶାଲ, ମାନପତ୍ର ଓ ଉପହାର ପ୍ରମୁଖ ଦେଇ ବିଦାୟ ଜଣାଇଥିଲେ । ପୂର୍ବାହ୍ନରେ ଅର୍ଥନୀତି ବିଭାଗ ତରଫରୁ ଅଧ୍ୟକ୍ଷ ଶଙ୍ଖୁଆଙ୍କ ସଭାପତିତ୍ୱରେ ବେହେରାଙ୍କୁ ସମ୍ବର୍ଦ୍ଧନା କରା ଯାଇଥିଲା ।

# ମୟୂରଭଞ୍ଜ ଉତ୍ସବରେ ଛଉନୃତ୍ୟ, ମୁଢ଼ିମାଂସର ମହକ



ଉତ୍ସବରେ କଳାକାରମାନେ ଛଉ ନୃତ୍ୟ ପରିବେଷଣ କରୁଛନ୍ତି ।

ଭୁବନେଶ୍ୱର,୧।୨ (ସୌମ୍ୟରଞ୍ଜନ ରାଉତ):

ମୟୂରଭଞ୍ଜ ସାଂସ୍କୃତିକ ସଂସଦ, ଭୁବନେଶ୍ୱର ପକ୍ଷରୁ ୧୧ତମ ମୟୂରଭଞ୍ଜ ଉତ୍ସବ ରବିବାର ଉତ୍କଳ ମଣ୍ଡପରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ରଜନୀକାନ୍ତ ବିଶ୍ୱାଳ, ଯୁଗ୍ମସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ ଓ ସ୍ୱରୂପ ରଞ୍ଜନ ଦାସ ଯୋଗଦେଇଥିଲେ । ସନ୍ଧ୍ୟାରେ ପ୍ରଥମେ ଅଡିଓ ଭିଜୁଆଲ୍ ମାଧ୍ୟମରେ ମୟୂରଭଞ୍ଜ ସଂସଦର ଶୀର୍ଷକ ସଙ୍ଗୀତ ପ୍ରଦର୍ଶିତ ହୋଇଥିଲା । ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ତାପସ ସରଘରିଆ ଓ ସହଯୋଗୀ ଟିମ୍ ଏହାକୁ ପରିଚାଳନା କରିଥିଲେ । ପରେ ଭୁବନେଶ୍ୱରସ୍ଥିତ ‘ମୟୂରଭଞ୍ଜିଆ ଆଦିମ ଆଦିବାସୀ ସଂଘ’ ପକ୍ଷରୁ ଭରାଂ ନୃତ୍ୟ ଏବଂ “ମା’ ସୁନାମୁଇଁ ହୋ ନୃତ୍ୟ ଅନୁଷ୍ଠାନ” ଦ୍ୱାରା ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷିତ ହୋଇଥିଲା । ସେହିପରି ନିଛୁଆପଦାସ୍ଥିତ ଛଉନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ ପରିବେଷିତ ବିଶ୍ୱପ୍ରସିଦ୍ଧ ଛଉନୃତ୍ୟ ଏବଂ ବାରିପଦାର ବିନ୍ଦୁ ଝୁମର୍ ଗ୍ରୁପ୍ ଦ୍ୱାରା ଜମାଣିଆ ଝୁମର୍ ଗୀତ ନାଚ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ବାରିପଦାର ଅନୁବାଳା ମାହାରୀ ଗ୍ରୁପ୍, ସୂର୍ଯ୍ୟସ୍ନାତା ପାଣି ଗ୍ରୁପ୍, ଅଭିରାମ ଅଭିନୟ ଅନୁଷ୍ଠାନ, ଓର୍ଫାନ୍ ବଏଜ୍ ଗ୍ରୁପ୍ ଦ୍ୱାରା ପରିବେଷିତ ଓଲିଉଡ୍ ଓ ବଲିଉଡ୍‌ର ମିଶ୍ରିତ ସଙ୍ଗୀତ ସହ ଆଧୁନିକ ନୃତ୍ୟ ବେଶ୍ ଚିତ୍ତାକର୍ଷକ ହୋଇଥିଲା । ପ୍ରଚ୍ଛଦପଟ ସୁନାମଧନ୍ୟ ଗାୟକ ଦେବାଶିଷ ମହାପାତ୍ରଙ୍କ ଗୀତ ଦର୍ଶକଙ୍କ ମନ ଜିଣିଥିଲା । ମୟୂରଭଞ୍ଜ ସଂସଦର ଲେଡିଜ ଗ୍ରୁପ୍ ଦ୍ୱାରା ପ୍ରଦର୍ଶିତ ରାମ୍ପ୍ ଶୋ ଦର୍ଶକଙ୍କୁ ଆହ୍ଲାଦିତ କରିଥିଲା । ସନ୍ଧ୍ୟାର ସ୍ୱରାଜ ବାରିକ, ସୁପରଷ୍ଟାର ବାବୁସାନ ମହାନ୍ତି ଏବଂ ଅଭିନେତ୍ରୀ ଅପରାଜିତା ମହାନ୍ତି ଉପସ୍ଥିତ ଥିଲେ । ଉତ୍ସବରେ କ୍ରାଫ୍ଟମେଳାର ପଥର, ଟସର, ବାଉଁଶ ଓ ସବାଇଘାସର କାରୁକାର୍ଯ୍ୟ ସାଙ୍ଗକୁ ମୟୂରଭଞ୍ଜର ପ୍ରସିଦ୍ଧ ସୁଆଦିଆ ବ୍ୟଞ୍ଜନ ଭାବେ ମୁଢ଼ିମାଂସ, ଦଳା ଖେଚୁଡ଼ି, ରାମରୋଚକ, ବଡା ତରକାରି, ଆରିସା ପିଠା, ଗୁଡ଼ଲଡୁ ସମସ୍ତଙ୍କୁ ଆକର୍ଷିତ କରିଥିଲା । ମୟୂରଭଞ୍ଜ ସଂସଦର ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ, ଅଭିନେତା ସୁକାନ୍ତ ରଥ ମଞ୍ଚ ପରିଚାଳନା କରିଥିଲେ । ସାଧାରଣ ସମ୍ପାଦକ ଡ. ରଜନୀକାନ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

# ଭୀମ ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼

## ଆକର୍ଷଣ ପାଲଟିଛି ଭୀମ ଦେବଙ୍କ ୨୨ ଫୁଟ ଉଚ୍ଚର ମୂର୍ତ୍ତି

ଝାରପୋଖରିଆ,୧।୨(ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଧେଣ୍ଡଗାଁ ଗ୍ରାମରେ ଚାଲିଥିବା ଭୀମମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି । ଗ୍ରାମବାସୀଙ୍କ ସହଯୋଗରେ କୌଣସି ସୂତ୍ରରୁ ଚାନ୍ଦା ଭେଦା ନ ଆଣି ମେଳା ଅନୁଷ୍ଠିତ ହେଉଥିବା କମିଟିର ସଭାପତି ମୋତିଲାଲ ପାତ୍ର କହିଛନ୍ତି । ଗତ ୨୯ ତାରିଖରେ ବ୍ରାହ୍ମଣ ପର୍ଶୁରାମ କରଙ୍କ ତତ୍ତ୍ୱାବଧାନରେ ଅମର ଚନ୍ଦ୍ର ପାତ୍ରଙ୍କ ସଂକଳ୍ପରେ ଗ୍ରାମବାସୀ ନିକଟସ୍ଥ ବାଲିଆ ପୋଖରୀରୁ ଘଟ ଉତ୍ତୋଳନ କରିବା ପରେ ପୂଜା ପାଇ ଆସୁଥିବା ଭୀମକାଣ୍ଡ ଶିଳା ନିକଟରେ ସ୍ଥାପନ କରାଯାଇଥିଲା । ଭୀମକାଣ୍ଡକୁ ବ୍ରତଧାରିଣୀମାନେ ପୂଜାର୍ଚ୍ଚନା କରିଥିଲେ ।

ଏହି ମେଳା ଉପଲକ୍ଷେ ଭୀମମେଳା ହରିମଣ୍ଡପରେ ଚୈତନ୍ୟ ମହାପ୍ରଭୁଙ୍କ ଷୋହଳ ପ୍ରହର ଅଖଣ୍ଡ ହରିନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ସଙ୍କୀର୍ତ୍ତନ ନିମନ୍ତେ ଅଁଳାତଳା ଗ୍ରାମର ବ୍ରାହ୍ମଣ ପ୍ରବୀର ଦାସଙ୍କ ତତ୍ତ୍ୱାବଧାନରେ ଘଟ ଉତ୍ତୋଳନ କରାଯାଇଥିଲା । ୩୦ ତାରିଖଠାରୁ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ସହିତ ଆଞ୍ଚଳିକ ସଙ୍କୀର୍ତ୍ତନ ଦଳକୁ ନେଇ ରାଧା ଗୋବିନ୍ଦ ନାମ ସଙ୍କୀର୍ତ୍ତନ ଆରମ୍ଭ କରାଯାଇଥିଲା । ଉକ୍ତ ମେଳାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମେଳାରେ ଅନେକ ବ୍ୟବସାୟୀ ପସରା ମେଲାଇଥିଲେ । ମେଳା କମିଟି ପକ୍ଷରୁ ‘ଭୀମକାଣ୍ଡ ଶିଳା’ଉପକଣ୍ଠରେ ସ୍ଥାନୀୟ ଗୋହଳାମୁଣ୍ଡା, ବଣସାହି ଗ୍ରାମର ମୂର୍ତ୍ତିକାର ଦୁର୍ଗା ମୁଣ୍ଡାଙ୍କ ଦ୍ୱାରା ୨୨ ଫୁଟ ଉଚ୍ଚତା ବିଶିଷ୍ଟ ଭୀମଦେବଙ୍କ ମୂର୍ତ୍ତି ନିର୍ମାଣ କରାଯାଇଛି । ଏ ପରିପ୍ରେକ୍ଷୀରେ ଧେଣ୍ଡଗାଁ ଗ୍ରାମର ବୟୋଜ୍ୟେଷ୍ଠ ସନ୍ୟାସୀ ପାତ୍ର(୯୫), ସୁଶିଳ ପାତ୍ର(୮୦) କହନ୍ତି, ପଞ୍ଚପାଣ୍ଡବଙ୍କ ବନବାସ କାଳରେ ଭୀମଦେବ ତୀରଚାଳନା ଶିକ୍ଷା ସମୟରେ ଏକ ତୀର ଏଠାରେ ପଡ଼ିଥିଲା । କାଳକ୍ରମେ ଏହା ପଥର ସଦୃଶ ହୋଇ ରହିଥିବାରୁ କାହିଁ କେତେ ଯୁଗରୁ ପୂର୍ବପୁରୁଷମାନେ ଏଠାରେ ଭୀମ ଦେବଙ୍କ ପୂଜାକରି ଆସୁଥିବାରୁ ସେହି କ୍ରମରେ ଏହିପ୍ରଥା ଚଳାଇ ଆସୁଛୁ ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ

ମୋରଡ଼ା,୧।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସବିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୋରଡ଼ା ବିଇଓ ବିଜୟ ପାଣିଗ୍ରାହୀ, ମୁଖ୍ୟ ବକ୍ତା ମୋରଡା ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ସେଠୀ, ସମ୍ମାନିତ ଅତିଥି ସରପଞ୍ଚ ରବି ସିଂ, ଖବରଦାତା ଅବିନାଶ ମହାନ୍ତି, ତୁଷାରକାନ୍ତ ବେହେରା, ସାମାଜିକ କର୍ମୀ ଅଞ୍ଜନ ନାୟକ, ବିଦ୍ୟାଳୟ ଏସ୍‌ଏମ୍‌ସି କମିଟି ସଭାପତି କେଶବ ବାରିକ, ଶିକ୍ଷୟିତ୍ରୀ ମାନିନୀ ପାତ୍ର ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ । ଭଲ ମଣିଷ ହେବାକୁ ହେଲେ ପ୍ରଥମେ ମଣିଷ ପଣିଆର ଆବଶ୍ୟକତା ରହିଛି ବୋଲି ଅତିଥିମାନେ କହିଥିଲେ । ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସବିତା ବେହେରା କହିବା ସହିତ ଯଥା ଶୀଘ୍ର କିପରି ସମାଧାନ ହେବ ସେ ନେଇ ଦାବି କରିଥିଲେ । ଶିକ୍ଷକ କେଦାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପିଲାମାନଙ୍କ ଦ୍ୱାରା ‘ପୁଅ ପାଇଁ ବାପା ରାଜରାସ୍ତାରେ’ ନାଟକ ପରିବେଷଣ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ୬ ଦିନ ଅନ୍ଧାରରେ ବୈଶିଙ୍ଗା ବଜାର

ବୈଶିଙ୍ଗା,୧।୨(ରତନ ଦାଶ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ବଜାର ଅଞ୍ଚଳ ୬ ଦିନ ହେଲା ଅନ୍ଧାରରେ ରହିଛି । ୧୮ ନଂ. ଜାତୀୟ ରାଜପଥ ପକ୍ଷରୁ ନିର୍ମିତ ଫ୍ଲାଏ ଓଭରବ୍ରିଜ ଉପରେ ଲାଗିଥିବା ହାଇମାକ୍ସ ଲାଇଟ୍‌ଗୁଡ଼ିକ ଗତ ମଙ୍ଗଳବାରଠାରୁ ଜଳୁନାହିଁ । ଫଳରେ ରାତିରେ ଓଭରବ୍ରିଜ୍ ଉପରେ ମଧ୍ୟ ଅସାମାଜିକଙ୍କ ପ୍ରାଦୁର୍ଭାବ ବଢ଼ିଯାଇଛି । ଅଞ୍ଚଳରେ ୫ଟି ଏଟିଏମ ଓ ୩ଟି ବ୍ୟାଙ୍କ ସମେତ ୩୦୦ରୁ ଅଧିକ ବ୍ୟବସାୟୀକ ପ୍ରତିଷ୍ଠାନ ରହିଛି । ଏଗୁଡ଼ିକର ସୁରକ୍ଷା ବିପନ୍ନ ହୋଇପଡ଼ିଥିବା ସ୍ଥାନୀୟ ବ୍ୟବସାୟୀ କହିଛନ୍ତି । ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ଏଭଳି ଘଟୁଥିବା ଲୋକେ କହିଛନ୍ତି । ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ବିଜୁଳି ସରବରାହ ଅବ୍ୟାହତ ରହିଛି, ହେଲେ ଏଯାଏ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏବାବଦରେ କୌଣସି ଅଭିଯୋଗ ମିଳିନାହିଁ ।

# ମହିଳା କ୍ରିକେଟ୍ ଟୁର୍ନାମେଣ୍ଟ

ମୋରଡ଼ା,୧।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତର ଛୋଟରାୟପୁର ପଡିଆରେ ବାବା ଜଟେଶ୍ୱର ଯୁବକ ସଙ୍ଘ ଆନୁକୂଲ୍ୟରେ ଏକ ଦିବସୀୟ ମହିଳା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି । ମୋରଡା ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ତାପସରଞ୍ଜନ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ । ଅବସରପ୍ରାପ୍ତ ଖେଳ ଶିକ୍ଷକ ଗୌରହରି ମହାନ୍ତ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ହୃଷିକେଶ ମହାନ୍ତ, ବୀରେନ୍ଦ୍ର ମହାନ୍ତ, ଶ୍ୟାମସୁନ୍ଦର ବେହେରା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ ଟୁର୍ନାମେଣ୍ଟରେ ମୋଟ ୪ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଖେଳକୁ ଆୟୋଜନ କରିବାରେ କମିଟି ସଭାପତି ଗଗନ କୁମାର ମହାନ୍ତ, ସମ୍ପାଦକ ଗୌତମ ମହାନ୍ତଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ ।

# ସ୍ଥିତି ଅନୁଧ୍ୟାନ କଲେ ଏଡିଜି, ପୂର୍ବାଞ୍ଚଳ ଆଇଜି

## ରାଷ୍ଟ୍ରପତିଙ୍କ ଗସ୍ତ ନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ବାରିପଦା,୧।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୪ତାରିଖରୁ ୩ ଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସୁଥିବାରୁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି । ଶୁକ୍ରବାର ଏଡିଜି ପ୍ରବୀଣ କୁମାର ଓ ପୂର୍ବାଞ୍ଚଳ ଆଇଜି ପୀନାକ ମିଶ୍ର ରାଇରଙ୍ଗପୁର ଗସ୍ତରେ ଆସି ଗ୍ରାଉଣ୍ଡରେ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଅନୁଧ୍ୟାନ ସମୟରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା, ଏସଡିପିଓ ବୀରେନ୍ଦ୍ର କୁମାର ସେନାପତି ଏବଂ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ରାଷ୍ଟ୍ରପତି ୩ ଦିନିଆ ଗସ୍ତରେ ଆସି ରାଇରଙ୍ଗପୁର ସମେତ ଉପରବେଡା, ଯଶିପୁର, ଶିମିଳିପାଳ ଅଭୟାରଣ୍ୟ ଆଦି ଗସ୍ତରେ ଯିବେ । ରାଇରଙ୍ଗପୁର କଚେରୀ ପଡ଼ିଆସ୍ଥିତ ସଭାରେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି ।

ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ରାଇରଙ୍ଗପୁରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ରାଷ୍ଟ୍ରପତିଙ୍କ ଯାତ୍ରା ମାର୍ଗ, ହେଲିପ୍ୟାଡ୍ ଅଞ୍ଚଳ, ସଭାସ୍ଥଳ ଓ ରାତ୍ରି ରହଣି ସ୍ଥାନଗୁଡ଼ିକୁ ଏଡିଜି ଓ ପୂର୍ବାଞ୍ଚଳ ଆଇଜି ଯାଇ ନିରୀକ୍ଷଣ କରିଥିଲେ । ସେଥିପାଇଁ ସ୍ଥାନୀୟ ପୋଲିସ ଅଧିକାରୀ ଓ ପ୍ରଶାସନିକ କର୍ମଚାରୀଙ୍କ ସହ ବୈଠକ କରି ସୁରକ୍ଷା ସମ୍ପର୍କିତ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ । ଗସ୍ତ ସମୟରେ ଟ୍ରାଫିକ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ଚେକିଂ ବ୍ୟବସ୍ଥା, ସିସିଟିଭି ନିରୀକ୍ଷଣ ଓ ବମ୍ବ ସ୍କ୍ୱାଡ୍ ମୁତୟନ ନେଇ ବିଶେଷ ଗୁରୁତ୍ୱ ଦିଆଯାଇଥିବା ଜଣାପଡ଼ିଛି । ସହରର ପ୍ରମୁଖ ପ୍ରବେଶ ପଥରେ ନାକାବନ୍ଦୀ ଜୋରଦାର କରାଯାଇଛି ଏବଂ ସନ୍ଦେହଜନକ ବ୍ୟକ୍ତି ଓ ଯାନବାହନ ଉପରେ କଡ଼ା ନଜର ରଖାଯାଉଛି । ରାଷ୍ଟ୍ରପତିଙ୍କ ଗସ୍ତ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ସମନ୍ୱିତ ଭାବେ କାମ ଚାଲିଥିବା ସୂଚନା ମିଳିଛି ।

# ‘ଗଣମାଧ୍ୟମ ବିନା ସମାଜରେ ସଚେତନତା ଅସମ୍ଭବ’

## ଗୋପବନ୍ଧୁ ନଗର ପ୍ରେସ କ୍ଲବର ସପ୍ତମ ବାର୍ଷିକ ଉତ୍ସବ

ଗୋପବନ୍ଧୁ ନଗର,୧।୨ (ଶାନ୍ତନୁ କୁମାର ମଢୁଆଲ):



ସମ୍ବର୍ଦ୍ଧିତ ଖବରଦାତାମାନେ ।

ଗୋପବନ୍ଧୁ ନଗର ପ୍ରେସ କ୍ଲବର ସପ୍ତମ ବାର୍ଷିକ ଉତ୍ସବ କୁଆମରା ସାରସ୍ୱତ ଡିଗ୍ରୀ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବଡ଼ସାହି ତହସିଲଦାର କରୁଣାକର ଧିନ୍ଦା, ସ୍ୱତନ୍ତ୍ର ଅତିଥି ଗୋପବନ୍ଧୁ ନଗର ବ୍ଲକ ବିଡିଓ ପୃଥୀରାଜ ପରିଡ଼ା, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଖୁଣ୍ଟା ଥାନା ଅଧିକାରୀ ପଞ୍ଚାନନ ମହାନ୍ତି, କୁଆମରା ସାରସ୍ୱତ ଡିଗ୍ରୀ କଲେଜର ଅଧ୍ୟକ୍ଷ ସୁବଳ ଦାସ, ଖୁଣ୍ଟା ବ୍ଲକ ସହକାରୀ ଯନ୍ତ୍ରୀ ବିନୟ ଜ୍ୟୋତି ଲେଙ୍କା ପ୍ରମୁଖ ଯୋଗଦେଇ ଗଣମାଧ୍ୟମ ବିନା ସମାଜର ସଚେତନତା ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ବରିଷ୍ଠ ସାମ୍ବାଦିକ ରଞ୍ଜନ କୁମାର ମଢୁଆଲ ଧନ୍ୟବାଦ ଓ ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଏହି ଅବସରରେ ଉଦଳା, କପ୍ତିପଦା, ବଡ଼ସାହି ଓ ବେତନଟୀ ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ଶ୍ରୀକାନ୍ତ ନାୟକ, ସୁବ୍ରତ କୁମାର ମହାନ୍ତି, ଅଭିଜିତ ବେହେରା, ସୁଶାନ୍ତ କୁମାର ମିଶ୍ର, ନିହାର ରଞ୍ଜନ ମହାପାତ୍ର, ମନୋରଞ୍ଜନ ବେହେରା, ବିମଳେନ୍ଦୁ ମହାପାତ୍ର ଓ ବିମ୍ବାଧର ପଣ୍ଡିତଙ୍କୁ ପ୍ରେସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟତମ ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ବେହେରା, ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ଚୌଧୁରୀ ଓ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତିଙ୍କୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ ହୋଇଥିଲା । ପ୍ରେସ କ୍ଲବର ସଦସ୍ୟ ଚିତ୍ତରଞ୍ଜନ ଦଳେଇ, ଯୋଗେଶ୍ୱର ସାହୁ, ଦୀପକ ଚୈଧୁରୀ, ବିଶ୍ୱଜିତ ଦାଶ, ମାଣିକ ହେମ୍ବ୍ରମ, ଜୟନ୍ତ କୁମାର ସ, ସମିତ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

